Chapter- 13

# ମାଡହାଣ୍ଡି କଥା

**STUDY NOTES**

## MIND MAP



ମାଡହାଣ୍ଡି କଥା' ଗଳ୍ପଟି ଅତି ସରଳ ଓ ଗାଉଁଲି ଭାଷାରେ ଲେଖାଯାଇଛି ।ଗଳ୍ପଟି ହାସ୍ୟରସରେ ପରିପୂର୍ଣ୍ଣ । ମଣିଷ ଜୀବନର ପ୍ରକୃତ ଛବି ଏଥିରେ ପ୍ରତିଫଳିତ ହୋଇଛି । ସୁବିଧା ପାଇଲେ ମଣିଷ କିପରି ତା'ର ଅସଲ ରୂପକୁ ପାସୋରି ମରୀଚିକା ପଛରେ ଗୋଡାଇଥାଏ,ତାହା ଚକୁଳିଆ ପଣ୍ଡାର ଚରିତ୍ର ମାଧ୍ୟମରେ ଲେଖକ ପ୍ରକାଶ କରିଛନ୍ତି । ନିଜର କର୍ତ୍ତବ୍ୟ ନ କଲେ ଭଗବାନ ବି ଅଶାନ୍ତି ହୁଅନ୍ତିଏହି ନୈତିକ ଶିକ୍ଷାଟି ପିଲାମାନେ ଉକ୍ତ ଗଳ୍ପରୁ ଶିକ୍ଷା କରିବେ । -

ଆଳସ୍ୟ ଦୁଃଖର କାରଣ ଏବଂ ପରିଶ୍ରମ ସୁଖର କାରଣ । ଅଳସୁଆ ଲୋକଙ୍କୁ ଈଶର ଦଣ୍ଡ ଦିଅନ୍ତି । ଏହା ହ ମାଡହାଣ୍ଡି କଥା ଗଳ୍ପର ବିଷୟବସ୍ତୁ । ମାଆ ଟିଏ ପୁଅଟିଏ ରହୁଥାନ୍ତି । ଜାତିରେ ଚକୁଳିଆ ପଣ୍ଡା । ଭିକ୍ଷା କରି ଯାହା ଆଣନ୍ତି ସେଥିରେ ଚଳନ୍ତି ।ଭବିଷତ କଥା ଚିନ୍ତା କରନ୍ତି ନାହ ।ଦିନେ ପୁଅ ଗାଁ ଗାଁ ବୁଲି କିଛି ନ ପାଇବାରୁ ମନଦୁଃଖରେ ପୋଖରୀଟିଏ ପାଖରେ ବସିଲା ।ପୋଖରୀ ପାଣିକୁ ଭାତ ଡାଲି ମିଠା ମହୁର ମନେ କରି ଆଞ୍ଜୁଳା ଆଞ୍ଜୁଳା ପିଉଥାଏ । ଏହି ସମୟରେ ପୋଖରୀରେ ଥିବା ଗଙ୍ଗାମାତା ଦୟା କଲେ ।ଗାେଟିଏ ହାଣ୍ଡିରେ ତାର ମନ ମୁତାବକ ଖାଦ୍ୟ ଭର୍ତ୍ତିକରି ତା ନିକଟକୁ ପଠାଇଦେଲେ । ସେ ହାଣ୍ଡିଟି ଖୋଲିଦେଇ ଅପୂର୍ବ ଖାଦ୍ୟସବୁ ଦେଖି ଆନନ୍ଦିତ ହେଲା ଏବଂ ମନ ଭରି ଖାଦ୍ୟ ଖାଇଲା । ଆଉ ଯାହା ବଳିଲା ଘରକୁ ତା ମା ପାଇଁ ନେଇଗଲା । ଘରେ ମା ପୁଅ ଖାଦ୍ୟ ଖାଇ ବଡ ଖୁସ ।ଏହା ପରେ ମାଆ ଆଉ କାମ ପାଇଟିକୁ ନ ଯାଇ ପୋଖରୀକୁ ଯାଇ ପୂର୍ବ ପରି ଖାଦ୍ୟ ଆଣିବାକୁ କହିଲା ।ପୁଅ ସେହିପରି କଲା ବିନା କାମ ଧନ୍ଦାରେ ଦୁହେଁ ମାଗଣା ଭୋଜନ ଖାଇ କ୍ରମେ ଅଳସୁଆ ପାଲଟି ଗଲେ ।ଗଂଗାମାତା ଏହା ଦେଖି କ୍ରୋଧ କଲେ ଏବଂ ହାଣ୍ଡିଟିରେ ମାଡ ଭର୍ତ୍ତି କରି ଭସାଇଦେଲେ ।ହାଣ୍ଡିଟିକୁ ଚକୁଳିଆ ପଣ୍ଡା ଖୋଲିଦେଲା ମାତ୍ରେ ତା ଉପରେ ମାଡ ବର୍ଷା ହେଲା । ତରତରରେ ସେ ହାଣ୍ଡିଟିରେ ଢାଙ୍କୁଣିଟିଏ ଘୋଡାଇ ଦେଇ ମାଡରୁ ରକ୍ଷା ପାଇଲା ଓ ହାଣ୍ଡିଟିକୁ ଘରକୁ ନେଇ ଶିକାରେ ରଖିଦେଲା ।ମନେ ମନେ ମାଆ ପ୍ରତି ରାଗ ଆସୁଥାଏ । ଏହା ପରେ ମାଆ ଆସି ସେ ହାଣ୍ଡିଟିକୁ ପୂର୍ବ ପରି ଖୋଲି ଦେବାରୁ ତା' ଉପରେ ମଧ୍ୟ ମାଡ ବର୍ଷା ହେଲା । ସେ ମଧ୍ୟ ଢାଙ୍କୁଣୀ ଦେଇ ମାଡରୁ ରକ୍ଷା ପାଇଲା। ଏଣୁ ପରିଶ୍ରମ ନ କରି ଅନ୍ୟର ହାତ ଟେକା ଉପରେ ନିଭର କଲେ ଏହା ହ ହୁଏ ।ଭାଗ୍ୟ ଆଦରି ସବୁ ସହିବାକୁ ପଡେ।ମାତ୍ର କାମ ପାଇଟି କରି ଦି ପଇସା ସଞ୍ଚୟ କରିଥିଲେ ଏପରି ହୋଇନ ଥା'ନ୍ତ ।